ଧରିତ୍ରୀ
DHARITRI
ଶୁକ୍ରବାର, ମେ ୭, ୨୦୨୧



**ପ୍ରାଧିକରଣ ସଚିବଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

ମାଲକାନଗିରି,(ଡି.ଏନ.ଏ.)- ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପାରାଲିଗାଲ ସ୍ୱେଚ୍ଛାସେବୀ ଡ.ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରେଜିଷ୍ଟ୍ରାର କୃଷ୍ଣଚନ୍ଦ୍ର ନାୟକ, ନେହେରୁ ଯୁବ କେନ୍ଦ୍ରର ଜିଲା ପ୍ରକଳ୍ପ ଅଧିକାରୀ ହରିଶ ରୁପାଲ, ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, କୋର୍ଟ ମ୍ୟାନେଜର ପ୍ରଣବ କୁମାର ପ୍ରଧାନ, ସୁବ୍ରତ କୁମାର ଦାସ ଯୋଗ ଦେଇ ନାୟକଙ୍କ କାର୍ଯ୍ୟଦକ୍ଷତା ଓ ତାଙ୍କର ସାମାଜିକ କାର୍ଯ୍ୟରେ ଯୋଗଦାନ ସମ୍ପର୍କରେ ଆଲୋକପାତ କରି ସେ ଜଣେ ସଚ୍ଚୋଟ , ଦକ୍ଷ ଓ ସମୟାନୁବର୍ତ୍ତୀ ବିଚାରପତି ଥିଲେ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୬।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡୁମୁଣିଗୁଡ଼ା ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ପୋଲିସ ଗୁରୁବାର ଏକ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁଯାୟୀ, ସୋସିଆଲ ମିଡିଆରେ ଡାବୁଗାଁ ଅଞ୍ଚଳରେ ଝୁଲନ୍ତା ମୃତଦେହ ଫଟୋ ଭାଇରାଲ ହୋଇଥିଲା। ଗୁରୁବାର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଛି। ମୃତଦେହକୁ ଦେଖିଲେ ଯୁବକଙ୍କ ମୃତ୍ୟୁ ୩ ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। ତେବେ ଏହା ଆତ୍ମହତ୍ୟା ନା କେହି ହତ୍ୟାକରି ଜଙ୍ଗଲରେ ମୃତଦେହ ଝୁଲାଇ ଦେଇଛନ୍ତି ପୋଲିସ ତାହାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

### ଡାକ୍ତରଖାନା ପାଖ ରାସ୍ତାରେ ପଡ଼ିଛି ପିପିଇ



ନବରଙ୍ଗପୁର, ୬।୫(ବି.ପ୍ର.)-ନବରଙ୍ଗପୁର ଜିଲା ମୁଖ୍ୟ ହସ୍ପିଟାଲରୁ ମାତ୍ର ୨୦୦ମିଟର ଦୂର ନୀଳକଣ୍ଠଗୁଡ଼ା ମୁଖ୍ୟ ରାସ୍ତାକଡ଼ରେ ପଡ଼ି ରହିଛି ଏକ ପିପିଇ କିଟ୍। କରୋନା ରୋଗୀକୁ ନେବା ଆଣିବା କରୁଥିବା କୌଣସି ଆମ୍ବୁଲାନ୍ସ କର୍ମଚାରୀ ଏହାକୁ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। କିଟ୍ ପଡ଼ିଥିବା ରାସ୍ତାରେ ହଜାର ହଜାର ଲୋକ ଓ ରୋଗୀ ଯିବା ଆସିବା କରୁଥିବାରୁ ସଂକ୍ରମଣର ଆଶଙ୍କା ଦେଖାଦେଇଛି। ସେହି ରାସ୍ତା ଦେଇ ପ୍ରତିଦିନ ଜିଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଯିବା ଆସିବା କରୁଥିଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି। ପିପିଇ କିଟ୍‌କୁ ବ୍ୟବହାରକରି ତାହାକୁ ନଷ୍ଟ କରିବାକୁ ସରକାର ନିୟମ କରିଥିଲେ ମଧ୍ୟ ଏଠାରେ ତାହାର ଉଲ୍ଲଂଘନ କରାଯାଇଛି। ଏହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ମାନିଲେନି ଲକ୍‌ଡାଉନ କଟକଣା

ତେନ୍ତୁଳିଖୁଣ୍ଟି, ୬।୫(ଡି.ଏନ୍.ଏ.)- କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ସକାଳୁ ୧୨ଟା ପର୍ଯ୍ୟନ୍ତ କେବଳ ଜରୁରୀ ସାମଗ୍ରୀ ଦୋକାନ ଖୋଲିବ। କିନ୍ତୁ ତେନ୍ତୁଳିଖୁଣ୍ଟି ବ୍ଲକର ଅସାଧୁ ବ୍ୟବସାୟୀମାନେ ଟିଫିନ୍ ଦୋକାନରେ ରାଶନ ସାମଗ୍ରୀ, ହାର୍ଡୱେର ଦୋକାନରେ ଆଳୁ ପିଆଜ ରଖି ବ୍ୟବସାୟ ଚଳାଇଥିଲେ। ଅନେକ ବାହାନାକରି ଅମାନିଆମାନେ ଗାଡ଼ି ଧରି ବୁଲିଥିଲେ। ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି ହୋଇଛି।

### ଲାୟନ୍ସ କ୍ଲବ ପକ୍ଷରୁ ରାଶନ ବଣ୍ଟନ

ନବରଙ୍ଗପୁର, ୬।୫(ବି.ପ୍ର.)- ନବରଙ୍ଗପୁର ଜାନକୀନଗରରେ ଥିବା ଅସହାୟଙ୍କୁ ଲାୟନ୍ସ କ୍ଲବ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଦିବଂଗତ ସଭ୍ୟ ଦାରା ଶ୍ରୀନିବାସ(ସିଚ୍ଚିବାବୁ)ଙ୍କ ସ୍ମୃତିରେ ୩୦ ଜଣଙ୍କୁ ଏହା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟରେ ଲାୟନ୍ସ କ୍ଲବର ଲାୟନ୍ସ ଡି.କେ. ପଟ୍ଟନାୟକ, ସଭାପତି ଲାୟନ୍ସ ଜଗନ୍ନାଥ ମହାପାତ୍ର, ଲାୟନ୍ସ ଭୁବନେଶ୍ୱର ସୁର, ଲାୟନ୍ସ ଦିନେଶ ଜୈନ, ଲାୟନ୍ସ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମନେପଡ଼ିଲେ କୃଷ୍ଣଚନ୍ଦ୍ର ବକ୍ସିପାତ୍ର



ରାୟଗଡ଼ା ଅଫିସ,୬।୫- ରାୟଗଡ଼ା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ୯୪ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟଠାରେ ସ୍ଥାପିତ ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ଜ୍ୟେଷ୍ଠପୁତ୍ର ନିରଞ୍ଜନ ବକ୍ସିପାତ୍ର ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ସମେତ ସ୍ମୃତି କମିଟିର ଅଧ୍ୟକ୍ଷ ଜୟରାମ ଜେନା, ନିରଞ୍ଜନ ବକ୍ସିପାତ୍ର, ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସିଙ୍ଗିବାଇରେ ଆନ୍ଧ୍ର-ଓଡ଼ିଶା ସୀମା ସିଲ୍

**ନୂତନ କରୋନା ଭ୍ୟାରିଆଣ୍ଟକୁ ନେଇ ପ୍ରଶାସନ ସତର୍କ**

ଗୁଣପୁର,୬।୫(ଡି.ଏନ୍.ଏ.)-



ସିଙ୍ଗୁବାଇଠାରେ ପ୍ରବେଶପଥ ସିଲ୍ କରାଯାଉଛି।

ଆନ୍ଧ୍ର ଓ ତେଲଙ୍ଗାନାରେ ଦେଖାଯାଇଥିବା କରୋନାର ନୂତନ ଭାରିଆଣ୍ଟ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟିକରିବ ବୋଲି ଜଣାପଡ଼ିଛି। ଏହାପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ଆନ୍ଧ୍ର ସୀମାନ୍ତ ସମସ୍ତ ଜିଲାର ଜିଲାପାଳଙ୍କୁ ସତର୍କ କରାଇଛନ୍ତି। ଆନ୍ଧ୍ରକୁ ସଂଯୋଗ କରୁଥିବା ସମସ୍ତ ସୀମା ସିଲ୍ କରିବା ସହ ସୀମାନ୍ତ ଚେକ୍ ପଏଣ୍ଟରେ କଟକଣା ଏବଂ ଯାଞ୍ଚକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ରାୟଗଡ଼ା ଜିଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ନେଇଛି। ବୁଧବାର ଆନ୍ଧ୍ରକୁ ସଂଯୋଗ କରୁଥିବା ୭ରୁ ୮ଟି ଗଳାବାଟ ସିଲ୍ କରାଯାଇଥିଲା। ସେହିପରି ଗୁରୁବାର ମଧ୍ୟ ଜିଲାର ଗୁଣପୁରକୁ ଲାଗି ରହିଥିବା ଆନ୍ଧ୍ର ସୀମାନ୍ତ ଜଗନ୍ନାଥପୁର ପଞ୍ଚାୟତର ସିଙ୍ଗୁବାଇଠାରେ ପ୍ରବେଶପଥକୁ ସିଲ୍ ସିଲ୍ କରାଯାଇଛି। ସୂଚନାଯୋଗ୍ୟ, ଗୁଣପୁର ବ୍ଲକ୍‌ର ଜଗନ୍ନାଥପୁର, ଗୋଠଳପଦର ଏବଂ ମରମା ପଞ୍ଚାୟତ ଆନ୍ଧ୍ର ସୀମାକୁ ଲାଗିରହିଛି। ତେଣୁ ପ୍ରଶାସନ ପକ୍ଷରୁ ସୀମାନ୍ତ ରାସ୍ତା ବନ୍ଦ କରାଯାଇଛି। ଆନ୍ଧ୍ର ଓ ତେଲଙ୍ଗାନାରୁ କୌଣସି ଯାନବାହନ ଓଡ଼ିଶା ଭିତରକୁ ପ୍ରବେଶ ନିମନ୍ତେ ଛଡ଼ାଯାଉନାହିଁ। ସେହିପରି ଆନ୍ଧ୍ରରୁ ଫେରୁଥିବା ଲୋକଙ୍କୁ ୧୪ ଦିନ ବାଧ୍ୟତାମୂଳକ ସଙ୍ଗରୋଧରେ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଆନ୍ଧ୍ର ଓ ତେଲଙ୍ଗାନାରୁ ଓଡ଼ିଶାକୁ କୌଣସି ପ୍ରକାରେ ଯେପରି ଲୋକେ ପ୍ରବେଶ ନ କରନ୍ତି, ତାହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବା ଜଣାପଡ଼ିଛି।

# ଗୁଣପୁରରେ ଖୋଲିଲା କୋଭିଡ୍ କେୟାର ସେଣ୍ଟର



ଗୁଣପୁର ଆଦର୍ଶ ବିଦ୍ୟାଳୟଠାରେ ଖୋଲିଥିବା କୋଭିଡ୍ କେୟାର ସେଣ୍ଟର।

ଗୁଣପୁର,୬।୫(ଡି.ଏନ୍.ଏ.)

ଦୀର୍ଘ ଦିନ ଧରି ଦାବି ପରେ ଗୁଣପୁର ଆଦର୍ଶ ବିଦ୍ୟାଳୟଠାରେ ଗୁରୁବାର କୋଭିଡ୍ କେୟାର ସେଣ୍ଟର(ସିସିସି) ଖୋଲିଛି। ଏଠାରେ ଡାକ୍ତର, ଫାର୍ମାସିଷ୍ଟଙ୍କୁ ନିଯୁକ୍ତ କରାଯିବା ସହ ଅକ୍ସିଜେନ, ଔଷଧ ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଗୁଣପୁର ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ କେହି ସଂକ୍ରମିତ ହେଲେ ୭୦ କି.ମି. ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ଯିବାକୁ ପଡୁଛି। ଏହାମଧ୍ୟରେ ରୋଗୀଙ୍କ ଅବସ୍ଥା ଗୁରୁତର ହେବା ସହ ମୃତ୍ୟୁ ମଧ୍ୟ ଘଟୁଛି। ଏହାକୁ ନେଇ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ୨ ତାରିଖରେ ସହରର ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ସହ ଅନ୍‌ଲାଇନରେ ଆଲୋଚନାକରି ସମସ୍ୟା ଜଣାଇବା ସହ ପୁଣି ସିସିସିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଦାବି ଜଣାଇଥିଲେ। ଏହା ମଧ୍ୟରେ ଗୁଣପୁର ଅଞ୍ଚଳରୁ କେତେଜଣଙ୍କ କରୋନାଜନିତ ମୃତ୍ୟୁ ମଧ୍ୟ ଘଟିଥିବା ଜଣାପଡ଼ିଛି। ଶେଷରେ ପ୍ରଶାସନ ପକ୍ଷରୁ କୋଭିଡ୍ କେୟାର ସେଣ୍ଟରଟିକୁ କାର୍ଯ୍ୟକ୍ଷମ କରାଯାଇଥିବାରୁ ଅଞ୍ଚଳବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

# ମୃତଦେହ ପାଖକୁ ଯିବା ପାଇଁ ସିସିସିରେ ଉତ୍ତେଜନା

**ତହସିଲଦାର, ପୋଲିସର ହସ୍ତକ୍ଷେପ ପରେ ଶାନ୍ତ ପଡ଼ିଲା ପରିସ୍ଥିତି**

ଉମରକୋଟ, ୬।୫(ସ୍ୱ.ପ୍ର.)

ଚିକିତ୍ସାଧୀନ ଅବସ୍ଥାରେ ଜଣେ କରୋନା ରୋଗୀଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ଲୋକେ ମୃତଦେହ ନିକଟକୁ ଯିବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ ଉମରକୋଟ କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉମରକୋଟ ତହସିଲଦାରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାନୁଯାୟୀ, ଉମରକୋଟ ବ୍ଲକ ଅଞ୍ଚଳର ଜଣେ ୬୫ ବର୍ଷୀୟା ମହିଳା ବୁଧବାର ରାତିରେ ସ୍ଥାନୀୟ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ନେବାକୁ ଡାକ୍ତରମାନେ ପରିବାର ଲୋକଙ୍କୁ କହିବା ସହ ଆମ୍ବୁଲାନ୍ସ ବ୍ୟବସ୍ଥା କରିଦେଇଥିଲେ। ପରିବାର ଲୋକେ ଏଥିରେ ଅମଙ୍ଗ ହୋଇଥିଲେ। ଖବରପାଇ ଉମରକୋଟ ତହସିଲଦାର ଡ. ହିମାଞ୍ଚଳ ମାଝି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିବାର ଲୋକେ ଶୁଣି ନ ଥିଲେ। ସେଠାରେ ହିଁ ଚିକିତ୍ସା କରିବାକୁ ପରିବାର ଲୋକେ ଜିଦ୍ କରିଥିଲେ। ଏହାପରେ ପରିବାର ଲୋକଙ୍କଠାରୁ ଏକ ଅଣ୍ଡରଟେକିଂ ରଖାଯାଇଥିଲା। କିନ୍ତୁ ଗୁରୁବାର ସକାଳ ୯ଟା ୩୦ରେ ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକେ ମୃତଦେହ ପାଖକୁ ଯିବାକୁ ଜିଦ୍ କରିଥିଲେ। ଡାକ୍ତରଖାନା ସୁରକ୍ଷା କର୍ମୀ ଲୁହା ଗ୍ରିଲ ବନ୍ଦ କରିଦେଇଥିଲେ। ଏହାପରେ ପରିବାର ଲୋକେ ଉତ୍କ୍ଷିପ୍ତ ହୋଇ ପ୍ରବଳ ପାଟିତୁଣ୍ଡ କରିଥିଲେ। ଖବର ପାଇ ଉମରକୋଟ ତହସିଲଦାର ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ମୃତଦେହକୁ ତାଙ୍କ ଗ୍ରାମକୁ ନିଆଯାଇଥିଲା। କଟକଣା ଭିତରେ ବୃଦ୍ଧାଙ୍କ ମୃତଦେହ ସତ୍କାର କରାଯାଇଥିଲା।

## ସବୁ ବ୍ଲକ୍‌କୁ ମାଡ଼ିଗଲାଣି କରୋନା

### ରାୟଗଡ଼ା ଜିଲାରୁ ଆଉ ୧୪୦ ପଜିଟିଭ

ରାୟଗଡ଼ା ଅଫିସ,୬।୫

ରାୟଗଡ଼ା ଜିଲାରୁ ଦୈନିକ ଶତାଧିକ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଜିଲାର ସମସ୍ତ ବ୍ଲକ୍ କରୋନା କବଳକୁ ଗଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରୁ ଆଉ ୧୪୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୩୯ ଜଣ ରହିଛନ୍ତି। ସେହିପରି କାଶୀପୁର ବ୍ଲକ୍‌ରୁ ୩୦, ଗୁଡାରିରୁ ୨୨, ପଦ୍ମପୁରରୁ ୧୬, ମୁନିଗୁଡ଼ାରୁ ୯, କଲ୍ୟାଣସିଂହପୁରରୁ ୭, ଗୁଣପୁର ଗ୍ରାମାଞ୍ଚଳରୁ ୫, ଗୁଣପୁର ସହରାଞ୍ଚଳରୁ ୪, ରାୟଗଡ଼ା ଗ୍ରାମାଞ୍ଚଳରୁ ୪ ଏବଂ ବିଷମକଟକରୁ ୩ ଏବଂ ରାମନାଗୁଡ଼ା ବ୍ଲକ୍‌ରୁ ଜଣେ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୫୪ ମହିଳା ଏବଂ ୮୬ ପୁରୁଷ ରହିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୧୧୦୮୮ ରେ ପହଞ୍ଚିଛି। ସେଥିମଧ୍ୟରୁ ୧୪୦୪ ସକ୍ରିୟ ସଂକ୍ରମିତ ରହିଛନ୍ତି।

# ପୋଲିସର ଯାଞ୍ଚ ଜୋର୍‌ଦାର


ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟାକଇ ଯାଞ୍ଚ କରୁଛି।

**ଲକ୍‌ଡାଉନ୍ ଦ୍ୱିତୀୟ ଦିନ**

ଟିକିରି,୬।୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ନିମନ୍ତେ ରାଜ୍ୟ ସରକାର ୧୪ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାକୁ ସଫଳ କରିବା ନିମନ୍ତେ ପୋଲିସ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ସେହିପରି ଆନ୍ଧ୍ର ଓ ତେଲଙ୍ଗାନା ଭୂତାଣୁକୁ ନେଇ ପୋଲିସ ଅଧିକ ସତର୍କ ହୋଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ କଟକଣାକୁ କଡ଼ାକଡ଼ି କରାଯାଇଥିବାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇପଡ଼ିଛି। ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଚାଲି ଚାଲି ଯାଇ ନିକଟସ୍ଥ ଦୋକାନରୁ ଅତ୍ୟାବଶ୍ୟକ ଜିନିଷ ଏବଂ ପରିବା କିଣିବାକୁ ଅନୁମତି ଥିଲେ ମଧ୍ୟ ଗୁରୁବାର ଲୋକେ ଭୟରେ ବାହାରକୁ ଆସି ନ ଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଲକ୍‌ଡାଉନ ସମୟରେ କେହି ଅମାନିଆ ବାହାରକୁ ବାହାରିଲେ ସେମାନଙ୍କୁ ସାବାଡ଼ କରିବା ପାଇଁ ଟିକିରି ପୋଲିସ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପ୍ରତ୍ୟେକ ଯାନବାହନକୁ ଅଟକାଇ ଯାଞ୍ଚ କରୁଥିବା ଦେଖିବାକୁ ମିଳିଥିଲା। କେତୋଟି ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ ଦୋକାନ ଖୋଲିଥିବାବେଳେ ପୋଲିସ ତାଗିଦ କରି ଦୋକାନ ବନ୍ଦ କରିଥିବା ଜଣାପଡ଼ିଛି। କୋଭିଡ୍ ନିୟମ ମାନିବା ସହ ଘରେ ରହିବାକୁ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା। ତେବେ ଲକ୍‌ଡାଉନ ଯୋଗୁ ବ୍ୟବସାୟ ଉପରେ ପ୍ରଭାବ ପଡ଼ିଥିଲେ ମଧ୍ୟ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଲକ୍‌ଡାଉନ ଘୋଷଣା କରାଯାଇଛି। ତେଣୁ ଏହାକୁ ସମଗ୍ର ରାଜ୍ୟର ବ୍ୟବସାୟୀ ସଂଘ ସମର୍ଥନ କରି ଦୋକାନ ବଜାର ବନ୍ଦ କରିଥିବା ଦେଖାଯାଇଛି।

# ପ୍ରାଣୀ ଚିକିତ୍ସକଙ୍କ ସମୂହ ଇସ୍ତଫା ଚେତାବନୀ

ଉମରକୋଟ, ୬।୫(ସ୍ୱ.ପ୍ର.)

ଓଡ଼ିଶା ଭେଟେରିନାରି ସର୍ଭିସ୍ ଆସୋସିଏସନର ନିଷ୍ପତ୍ତିକ୍ରମେ ପ୍ରାଣୀ ଚିକିତ୍ସକଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚାଲିଛି। ଦାବି ପୂରଣ ନ ହେଲେ ୨୫ରୁ ସମୂହ ଇସ୍ତଫା ଦିଆଯିବ ବୋଲି ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ପ୍ରାଣୀଧନ ଚିକିତ୍ସକମାନେ ପ୍ରଥମେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। ଚଳିତ ମାସ ୧ ତାରିଖରୁ କଲମଛାଡ଼ ସହ ପ୍ରତ୍ୟେକ ଶନିବାର, ରବିବାର ଡାକ୍ତରଖାନା ବନ୍ଦ କରାଯାଉଛି। ଡାକ୍ତରଖାନାରେ କାର୍ଯ୍ୟ ନିର୍ଘଣ୍ଟ ପରେ ବାହାର ସେବା ବନ୍ଦ, ଡିଜିଟାଲ ବାୟକଟ୍, ୧୫ରୁ ସମୂହ ଛୁଟି ଓ ୨୫ରୁ ସମୂହ ଇସ୍ତଫା ଦିଆଯିବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସମସ୍ୟା ଅତି ଗୁରୁତର। ପ୍ରାଣୀ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ଫଳରେ ଚାଷୀ ଓ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସରକାର କାର୍ଯ୍ୟରତ ଡାକ୍ତରମାନଙ୍କ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନାକରି ତୁରନ୍ତ ସମାଧାନର ବାଟ ବାହାର କରିବା ଅତ୍ୟନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଯୋଗୁ ଗୋରୁ , ଛେଳି, ମେଣ୍ଢା, କୁକୁଡ଼ା, କୁକୁର ବିଭିନ୍ନ ରୋଗର ଶିକାର ହେଉଥିବାରୁ ସେମାନଙ୍କ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାରଙ୍କ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକତା ରହିଛି। ତେବେ ଏହି ସମସ୍ୟାର ସମାଧାନ ଦାବିକୁ ଗ୍ରହଣ କରି ସରକାର ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବାର ସମ୍ଭାବନା ରହିଛି ବୋଲି ପ୍ରାଣୀ ଚାଷୀମାନେ ମତ ଦେଇଛନ୍ତି।




## ନଳକୂପ ଖନନ ପାଇଁ ଶୁଭ ଦେଲେ ବିଧାୟକ

ଡାବୁଗାଁ, ୬।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ୫ଟି ସ୍ଥାନରେ ନଳକୂପ ଖନନ ପାଇଁ ବୁଧବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଶୁଭ ଦେଇଛନ୍ତି।



ଡାବୁଗାଁ ସଦର ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ଭୈରବ ମନ୍ଦିର, ଡଙ୍ଗରିଗୁଡା ପଞ୍ଚାୟତ ଡଙ୍ଗରିଗୁଡା ଶିବମନ୍ଦିର, ଜୟନ୍ତୀନଗର ଗ୍ରାମର କନ୍ଧସାହି ଓ ହାଟପଦା ଏବଂ ଜବାଗୁଡା ପଞ୍ଚାୟତର ମେଟସାହିରେ ନଳକୂପ ଖନନ ପାଇଁ ଶୁଭ ଦିଆଯାଇଛି। ନଳକୂପ ଖନନ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ବ୍ୟୟ ବରାଦ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ରାଜ୍ୟ ସଭା ସଦସ୍ୟଙ୍କ ଡାବୁଗାଁ ବ୍ଲକ ପ୍ରତିନିଧି ରାମାରାଓ ଚୌଧୁରୀ ଓ ନବରଙ୍ଗପୁର ପ୍ରତିନିଧି ତ୍ରିନାଥ ଭଟ୍ଟ, ନବରଙ୍ଗପୁର ଲୋକ ସଭା ସଦସ୍ୟଙ୍କ ଡାବୁଗାଁ ବ୍ଲକ ପ୍ରତିନିଧି ଏମ୍. ଆପ୍ପାରାଓ, ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ, କୈଳାସ ଚନ୍ଦ୍ର ବିଶୋଇ, ଜଗନ୍ନାଥ ରେଲି, ଭଗବାନ ପାତ୍ର, ଜି. ରାଜଶେଖର ରାଓ ଓ ରାମେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କଠାରୁ ଦୂରରେ ଆବାସ ଯୋଜନା

ଏମ୍ଭି,୭୯,୬।୫(ଡି.ଏନ.ଏ.)

ଗରିବ ଲୋକଙ୍କୁ ଘରଟିଏ ଯୋଗାଇଦେବା ଆବାସ ଯୋଜନାର ଉଦ୍ଦେଶ୍ୟ। ମାତ୍ର ଏହି ଯୋଜନାର ସୁଫଳ ଗରିବ ଅସହାୟ ମଣିଷ ପାଖରେ ପହଞ୍ଚିପାରୁନାହିଁ। ଘର ବିନା ଏପରି ଅନେକ ପରିବାର ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ସେମାନଙ୍କ ସମ୍ପର୍କରେ କେତେକ କ୍ଷେତ୍ରରେ ପ୍ରଶାସନ ଜାଣି ନୀରବ ରହୁଥିବା ବେଳେ ଆଉ କେତେକ କ୍ଷେତ୍ରରେ ସେମାନଙ୍କ ଅସହାୟ ସ୍ୱର ପ୍ରଶାସନ ନିକଟରେ ପହଞ୍ଚିପାରୁନାହିଁ। ମାଲକାନଗିରି ଜିଲା କାଳିମେଳା ବ୍ଲକ ଭୁବନପାଲି ପଞ୍ଚାୟତ ଗିନିପାଲିଗୁଡା ଗ୍ରାମରେ ପରିବାର ସହ ରହନ୍ତି ଇର୍ମା ମାଡି। ସେ ରହିଥିବା ଘରଟି କିଛି ବର୍ଷ ହେଲା ଭାଙ୍ଗିଯାଇଥିବାରୁ ଆଉ ଘରଟିଏ କରିପାରୁନାହାନ୍ତି। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି କୁଲିକାମ କରି ପରିବାର ଚଳାଉଥିବା ଇର୍ମା ଝାଟିମାଟିର କୁଡିଆଟିଏ କରି ରହିଆସୁଛନ୍ତି।


କୁଡ଼ିଆରେ ପିଲାଙ୍କୁ ଧରି ରହୁଛନ୍ତି ଇର୍ମା।

ସରକାରୀ ଯୋଜନାରୁ କେବଳ ଚାଉଳ ପାଉଛନ୍ତି ସେ। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତ ଅଫିସରେ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ତାଙ୍କ କଥା। ବର୍ତ୍ତମାନ ସେ ଜଙ୍ଗଲଜାତ ଦ୍ରବ୍ୟ ଓ କୁଲିକାମ କରି ନିଜ ପରିବାରର ଭରଣପୋଷଣ କରୁଛନ୍ତି। ଏହି ଅସହାୟ ପରିବାର ପ୍ରତି ଦୃଷ୍ଟିଦେଇ ପ୍ରଶାସନ ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘରଟିଏ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ନେଇ ବିଡିଓ ଉମାଶଙ୍କର ଦଳେଇଙ୍କୁ ପଚାରିବାରୁ ଏଥିପ୍ରତି ସେ ଅବଗତ ନ ଥିଲେ। ଖୁବ୍ ଶୀଘ୍ର ସେ ସମ୍ପୃକ୍ତ ହିତାଧିକାରୀଙ୍କୁ ସାହାଯ୍ୟ କରିବେ ବୋଲି କହିଛନ୍ତି।

# ଘର ଘର ବୁଲି ହିତାଧିକାରୀଙ୍କୁ ଭତ୍ତା


ସରପଞ୍ଚ ହିତାଧିକାରୀଙ୍କୁ ଭତ୍ତା ଦେଉଛନ୍ତି।

ତେନ୍ତୁଳିଖୁଣ୍ଟି, ୬।୫(ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ୪୩ ଜଣ ନୂତନ ହିତାଧିକାରୀଙ୍କୁ ଚାରି ମାସର ଦୁଇ ହଜାର ଲେଖାଏ ବାର୍ଦ୍ଧକ୍ୟଭତ୍ତା ଦିଆଯାଇଛି। ସେମାନଙ୍କ ଘରକୁ ଯାଇ ଭତ୍ତା ଦିଆଯାଇଛି। କରୋନାକୁ ନଜରରେ ରଖି ଏପରି କରାଯାଉଥିବା ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ କହିଛନ୍ତି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସମେତ ସୁବିର ବାଘ, ପଙ୍କଜ ଗରଡ଼ା, ବିରାଜ ଖୁରା, ପ୍ରେମନାଥ ବାଘ ଉପସ୍ଥିତ ଥିଲେ। ସେମାନେ ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରିଥିଲେ।

# ଦୋକାନ ସିଲ୍ କଲା ପ୍ରଶାସନ

ପାପଡ଼ାହାଣ୍ଡି/ମଇଦଲପୁର, ୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ସଦର ମହକୁମାର ଏକ ଜେନେରାଲ ଷ୍ଟୋରକୁ ଗୁରୁବାର ପ୍ରଶାସନ ସିଲ୍ କରିଛି। କୋଭିଡ୍ କଟକଣା ଭାଙ୍ଗି ସନ୍ଧ୍ୟାରେ ଜେନେରାଲ ଷ୍ଟୋରରେ ଜିନିଷ ବିକ୍ରିକରାଯାଉଥିଲା। ଏହିସମୟରେ ଖବରପାଇ ତହସିଲଦାର ଯୋଗେଶ୍ୱର ଭୋଇ, ଅତିରିକ୍ତ ତହସିଲଦାର ମଧୁସୂଦନ ମାଝି, ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର, ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଦିଆନ, ଶୁଭେନ୍ଦୁ ବେହେରା ପ୍ରମୁଖ ସେଠାରେ ପହଞ୍ଚିଥିଲେ। ସେମାନଙ୍କ ଉପସ୍ଥିତିରେ ଦୋକାନ ସିଲ୍ କରାଯାଇଥିଲା।


ଦୋକାନକୁ ସିଲ୍ କରାଯାଉଛି।

# ଇ-ପାଉତିରେ ରାଜସ୍ୱ ଆଦାୟ କର

**ଭର୍ଚୁଆଲ୍ ମୋଡ୍‌ରେ ମାସିକ ରାଜସ୍ୱ ସମୀକ୍ଷା ବୈଠକ**

ନବରଙ୍ଗପୁର,୬।୫(ବି.ପ୍ର.)

ଭର୍ଚୁଆଲ ମୋଡ୍‌ରେ ନବରଙ୍ଗପୁର ଜିଲାପାଳ ଡ. ଅଜିତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲାସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ରାଜସ୍ୱ ମାମଲା ନିର୍ଦ୍ଧାରିତ ଧାର୍ଯ୍ୟ ସମୟ ମଧ୍ୟରେ ଫଇସଲା କରିବା ପାଇଁ ଜିଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ସଇରାତ ମାମଲାର ଶୀଘ୍ର ଫଇସଲା କରି ରାଜସ୍ୱ ଆଦାୟ କରିବାକୁ ସେ କହିଥିଲେ।

ଇ-ପାଉତି ମାଧ୍ୟମରେ ରାଜସ୍ୱ ଆଦାୟ କରିବା ପାଇଁ ତହସିଲଦାରମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜନ ସଚେତନତା ସୃଷ୍ଟି କରିବା ସହ ସରକାରଙ୍କ କୋଭିଡ୍-୧୯ ଗାଇଡ୍‌ଲାଇନ ଠିକ୍‌ଭାବେ ଯାଞ୍ଚ କରି ତାହାର ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଛତିଶଗଡ଼ ସୀମାନ୍ତରେ ଲାଗି ରହିଥିବା ବ୍ଲକଗୁଡିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବା ସହିତ ଲୋକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଜିଲାର ୬ ତହସିଲ ଦେଇ ଯାଉଥିବା ରାୟପୁର-ବିଶାଖାପାଟଣା ଭାରତମାଳା ପ୍ରକଳ୍ପର ଜମି ଅଧିଗ୍ରହଣ ଏବଂ ତା'ର ପ୍ରଗତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଯେଉଁ ସଇରାତ ଉତ୍ସଗୁଡିକ ନିଲାମ ନ ହୋଇ ପଡ଼ି ରହିଛି, ସେଗୁଡିକର ନିଲାମ ସମ୍ବନ୍ଧୀୟ କାର୍ଯ୍ୟ ଶୀଘ୍ର କରିବା ପାଇଁ ତହସିଲଦାରମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ଉପଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ନିର୍ମଳ ନାୟକ, ମୌସୁମୀ ନାୟକ, ଅନାମିକା ପାଣ୍ଡେଙ୍କ ସମେତ ଜିଲାର ୧୦ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ଅବକାରୀ ଅଧୀକ୍ଷକ ଏବଂ ବରିଷ୍ଠ ରାଜସ୍ୱ ସହାୟକ ସତ୍ୟନାରାୟଣ ସାହୁ, ସଂଗ୍ରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ପୋଷାକ ବଣ୍ଟନ ସ୍ଥଗିତ ରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ଜିଲାପାଳ ୱାଇ. ବିଜୟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ କୋଭିଡ୍ ସଂକ୍ରମଣ ବଢୁଥିବା ଏବଂ ଏବେ ଲକ୍‌ଡାଉନ ଚାଲିଥିବାରୁ ଏହାକୁ ସ୍ଥଗିତ ରଖିବା ଲାଗି ସେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ସମୟ ମଧ୍ୟରେ କୌଣସି ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପରିଚାଳନା କମିଟି ପୋଷାକ ବିତରଣ କରିପାରିବେ ନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀ କହିଛନ୍ତି।



# ଦୈନିକ ବଜାର କଥା ପ୍ରଶାସନକୁ ମନେପଡ଼ିଲା ଲକ୍‌ଡାଉନ

ବୈପାରିଗୁଡ଼ା,୬।୫(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ଅଞ୍ଚଳରେ ଏକ ଦୈନିକ ବଜାରର ଆବଶ୍ୟକତାକୁ ଅନୁଭବ କରି ଏବଂ ଚାଷୀ ଓ ପରିବା ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ୨୦୧୬ରେ ତତ୍କାଳୀନ ବିଡିଓ ଓ ତହସିଲଦାର ଜାଗା ଚିହ୍ନଟ କରିବା ସହ ବଜାର ନିର୍ମାଣ ପାଇଁ ପଦକ୍ଷେପ ନେଉଥିବା ବେଳେ ଉଭୟଙ୍କର ବଦଳି ହୋଇଥିଲା। ପରବର୍ତ୍ତୀ ସମୟରେ ଏଠାକୁ ଆସିଥିବା ବିଡିଓ ଏବଂ ତହସିଲଦାରମାନେ ଏଥିପ୍ରତି ଧ୍ୟାନ ଦେଉ ନ ଥିଲେ । ବଜାର ଲାଗି ପୂର୍ବରୁ ଯେଉଁ ଜାଗା ଚିହ୍ନଟ ହୋଇଥିଲା ଧୀରେ ଧୀରେ ଜବରଦଖଲକାରୀମାନେ ଅକ୍ତିଆର କରି ନେଇଥିଲେ। ଯେଉଁମାନଙ୍କ ପାଇଁ ବଜାର ନିର୍ମାଣର ପରିକଳ୍ପନା କରାଯାଇଥିଲା ସେହି ଚାଷୀ ଓ ପରିବା ବ୍ୟବସାୟୀମାନେ ମୁଖ୍ୟ ରାସ୍ତାକଡରେ ଖରାବର୍ଷାରେ ପରିବା ପସରା ଧରି ବସୁଥିଲେ। ଫଳରେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିଲା। ଏ ସଂକ୍ରାନ୍ତରେ ସେପ୍ଟେମ୍ବର ୧୮ ତାରିଖ ଧରିତ୍ରୀରେ ଅଧିକାରୀଙ୍କ ବଦଳି ପରେ ଅଧାରେ ଅଟକିଗଲା ଯୋଜନା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ସେତେବେଳେ ଏ ସମ୍ପର୍କରେ ବିଡିଓ ଅଭିମନ୍ୟୁ କବିଶତପଥୀ ଓ ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ସେମାନଙ୍କ ପାଖରେ ଏନେଇ କୌଣସି ସୂଚନା ନ ଥିବା କହିଥିଲେ । ଅନ୍ୟପକ୍ଷରେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ରାଜ୍ୟରେ ବୁଧବାର ଲକ୍‌ଡାଉନ ଆରମ୍ଭ ହେବା ପରେ ପ୍ରଶାସନର ରାସ୍ତାକଡ଼ରେ ବସି ପରିବା ବିକୁଥିବା ଚାଷୀ ଓ ବ୍ୟବସାୟୀଙ୍କ କଥା ମନେପଡିଛି। ସେମାନଙ୍କୁ ରାସ୍ତାକଡରୁ ହଟାଇ ପ୍ରସ୍ତାବିତ ଜାଗାକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଜାଗାଟି ଆବର୍ଜନାପୂର୍ଣ୍ଣ ଥିବା ବେଳେ ସେଠାକୁ ଯିବାକୁ ରାସ୍ତା ନାହିଁ। ବସି ବ୍ୟବସାୟ କରିବା ପାଇଁ ପିଣ୍ଡି ନାହିଁ । ବିନା ସୂଚନାରେ ଦୈନିକ ବଜାର ସ୍ଥାନାନ୍ତରିତ ହେବା ମଧ୍ୟ ଅନେକ ଲୋକ ଜାଣିନାହାନ୍ତି। ଫଳରେ ବ୍ୟବସାୟୀମାନେ ପ୍ରଥମ ଦିନରେ ଖରାରେ ବସି ପରିବା ସେମିତି କିଛି ବିକ୍ରି ନ ହେବାରୁ ପସରା ଧରି ଘରକୁ ଫେରିଛନ୍ତି। ଅନ୍ୟପକ୍ଷରେ ବଜାର ନିର୍ମାଣ ନେଇ ଜାଗା ଚିହ୍ନଟ ସମ୍ପର୍କରେ ୬ମାସ ତଳେ ସେମାନଙ୍କ ପାଖରେ କୌଣସି ଖବର ନ ଥିବା କହୁଥିବା ବିଡିଓ ଏବଂ ତହସିଲଦାର ଏ ସମ୍ପର୍କରେ ହଠାତ୍ କିପରି ଜାଣିପାରିଲେ ଏବଂ ସେଠାରେ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ କରି ଚାଷୀ ଓ ବ୍ୟବସାୟୀଙ୍କୁ କିପରି ସେଠାକୁ ସ୍ଥାନାନ୍ତର କଲେ ବୋଲି ମତ ପ୍ରକାଶ ପାଉଛି। ଏହା ପୂର୍ବରୁ ବ୍ୟବସାୟୀ ଏବଂ ଜନସାଧାରଣଙ୍କୁ ମଧ୍ୟ ଅବଗତ କରିବାର ଥିବା ଆବଶ୍ୟକତାକୁ ପ୍ରଶାସନ ଗୁରୁତ୍ୱ ଦେଇନାହିଁ; ଯଦ୍ୱାରା ବ୍ୟବସାୟୀମାନେ ପରିବା ବିକି ନ ପାରି ଘରକୁ ଫେରାଇ ନେଉଥିବା ପରି ଦୃଶ୍ୟ ଦେଖିବାକୁ ମିଳୁଛି। ନିକଟସ୍ଥ ଲକ୍ଷ୍ମୀପୁର ଗ୍ରାମର ଜଣେ ଚାଷୀ କହିଛନ୍ତି, ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରଶାସନ ନ କଲେ ଆମେ ଆଉ ଏ ଅପନ୍ତରାକୁ ପରିବା ବିକିବାକୁ ଆସିବୁନାହିଁ।



ନୂଆ ସ୍ଥାନରେ ଖରାରେ ବସି ପରିବା ବିକୁଥିବା ଚାଷୀ, ବ୍ୟବସାୟୀ।

### ଆମ ପାଖରେ ସୂଚନା ନାହିଁ କହି ଫାଙ୍କୁଥିଲେ ବିଡିଓ, ତହସିଲଦାର

- ନୂଆ ଜାଗାରେ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ
- ଏନେଇ ଲୋକଙ୍କୁ ଅବଗତ କରାଯାଇନି
- ଅପନ୍ତରାକୁ ଆଉ ପରିବା ବିକି ଆସିବୁନି

## କୋରାପୁଟ ଜିଲାରେ ଉର୍ଦ୍ଧ୍ୱମୁଖୀ ହେଉଛି କରୋନା

କୋରାପୁଟ,୬।୫(ସ୍ୱ.ପ୍ର.)

### ଦିନକର ସର୍ବାଧିକ ୧୮୨ ଆକ୍ରାନ୍ତ ଚିହ୍ନଟ

କୋରାପୁଟ ଜିଲାରେ କରୋନା ଉର୍ଦ୍ଧ୍ୱମୁଖୀ ହେବାରେ ଲାଗିଛି। ପ୍ରଶାସନ ଯେତେ ସତର୍କତାମୂଳକ ପଦକ୍ଷେପ ନେଲେ ମଧ୍ୟ ପ୍ରତ୍ୟହ ଆକ୍ରାନ୍ତଙ୍କ ସଂଖ୍ୟା କମିବାର ନାଁ ନେଉନି। ସୋମବାର ୧୪୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ମଙ୍ଗଳବାର ୧୩୩, ବୁଧବାର ୯୪ ଚିହ୍ନଟ ହୋଇଥିଲେ। ଗୁରୁବାର ଜିଲାରେ ସର୍ବାଧିକ ୧୮୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାର ଜୟପୁର, କୋରାପୁଟ, ସୁନାବେଡ଼ା ଓ କୋଟପାଡ଼ ୪ ପୌରାଞ୍ଚଳରୁ ସର୍ବାଧିକ ୧୧୦ ଜଣ ଚିହ୍ନଟ ହୋଇଛନ୍ତି। ଏହା ଜିଲା ପ୍ରଶାସନକୁ ଚିନ୍ତାରେ ପକାଇଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରେ ଟିଏମ୍‌ସିରୁ ୪ ଜଣ ଏବଂ ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୧୭୮ ଜଣ ଆକ୍ରାନ୍ତ ହୋଇଛନ୍ତି। ଜିଲାର ଜୟପୁର ପୌରାଞ୍ଚଳରୁ ସର୍ବାଧିକ ୪୭ ଜଣ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୩୨, ସୁନାବେଡ଼ା ପୌରାଞ୍ଚଳରୁ ୨୮ ଓ କୋଟପାଡ଼ ଏନ୍‌ଏସି ଅଞ୍ଚଳରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ବୈପାରିଗୁଡ଼ା ବ୍ଲକ ଅଞ୍ଚଳରୁ ୬, ବନ୍ଧୁଗାଁ ବ୍ଲକରୁ ୩, ବୋରିଗୁମ୍ମା ୬,କୋରାପୁଟ ୭, ଦଶମନ୍ତପୁର ୩, ଜୟପୁର ୧୪, କୋଟପାଡ଼ ୨, କୁନ୍ଦୁରାରୁ ଜଣେ, ଲମତାପୁଟ ୪,ଲକ୍ଷ୍ମୀପୁର ୭, ନନ୍ଦପୁର ୨, ନାରାୟଣପାଟଣା ୪, ପଟ୍ଟାଙ୍ଗୀ ୩ ଜଣ ଏବଂ ସେମିଳିଗୁଡ଼ା ବ୍ଲକରୁ ୧୦ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଜିଲାର ନାରାୟଣପାଟଣା, ପଟ୍ଟାଙ୍ଗୀ, ବନ୍ଧୁଗାଁ, ନନ୍ଦପୁର, ଲମତାପୁଟ ଆଦି ୫ଟି ବ୍ଲକ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଲାଗି ରହିଥିବାରୁ ଜିଲା ପାଇଁ ଏବେ ବିପଦ କାରଣ ପାଲଟିଛି ଆନ୍ଧ୍ର ଓ ତେଲଙ୍ଗାନାର କରୋନା ଷ୍ଟ୍ରେନ୍ । ପୂର୍ବରୁ ଛତିଶଗଡ଼ରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଯୋଗୁ ଜିଲାର ସୀମାନ୍ତ କୋଟପାଡ଼ ଓ ବୈପାରିଗୁଡ଼ା ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିଲା ।

## ଭର୍ଚୁଆଲ ମାଧ୍ୟମରେ ଆଲୋଚନାଚକ୍ର



ଆଲୋଚନାରେ ଅଂଶ ଗ୍ରହଣ କରିଥିବା ଅତିଥି।

ଜୟପୁର, ୬।୫ (ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ଜୟପୁର ପକ୍ଷରୁ ଭର୍ଚୁଆଲ୍ ମଧ୍ୟମରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରବାସୀ ଶ୍ରମିକ ଆଇନ ଶୀର୍ଷକ ଆଲୋଚନାଚକ୍ରରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶରତ କୁମାର ଜେନା, ଏସ୍‌ଡିଜେଏମ୍ ଜନ୍ମେଜୟ ପଲେଇ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଜଜ୍ ସୁନୀଳା ମିଶ୍ର, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ପୌର ପରିଷଦ ପକ୍ଷରୁ ପ୍ରଭାକର ଦାସ, ବର୍ଜ୍ୟବସ୍ତୁ ପରିଚାଳନା ଅଧିକାରୀ ରାଜ ଶେଖର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପାରାଲିଗାଲ ସ୍ୱେଚ୍ଛାସେବୀ, ପ୍ୟାନେଲ ଆଇନଜୀବୀ, ଆଇନ ସାକ୍ଷରତା ବ୍ଲକର ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜେକେପୁର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ରାୟଗଡ଼ା ଅଫିସ,୬।୫

ରାୟଗଡ଼ା ଜିଲା ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। କରୋନା ସଂକ୍ରମିତ ଜଣେ ବ୍ୟକ୍ତିଙ୍କ ରାୟଗଡ଼ା ଜିଲା ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ହେଲେ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ମୃତଦେହ ସତ୍କାର ନିମନ୍ତେ ବ୍ୟବସ୍ଥା କରା ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡ଼ିରହିଥିଲା। ଏହାକୁ ନେଇ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନା ଅନୁଯାୟୀ, ମୁନିଗୁଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୩ ଦିନ ତଳେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଅପରାହ୍ନ ୪ଟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ହସ୍ପିଟାଲ ପକ୍ଷରୁ ତାଙ୍କ ସମ୍ପର୍କୀୟଙ୍କୁ ଅବଗତ କରାଯାଇଥିଲା। ଗୁରୁବାର ସକାଳେ ସେମାନେ ଜେକେପୁର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପହଞ୍ଚିଥିଲେ। ହେଲେ ହସ୍ପିଟାଲ ପକ୍ଷରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମୃତଦେହ ସତ୍କାର ନିମନ୍ତେ କୌଣସି ବ୍ୟବସ୍ଥା ହୋଇପାରି ନ ଥିଲା। ଏହାକୁ ନେଇ ସମ୍ପର୍କୀୟମାନେ ଉତ୍ତ୍ୟକ୍ତ ହୋଇଥିଲେ। ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତରଙ୍କୁ ପଚାରିବାରୁ ରାୟଗଡ଼ା ପୌରସଂସ୍ଥାରୁ କର୍ମଚାରୀମାନେ ଆସିବା ପରେ ନିୟମାନୁଯାୟୀ ମୃତଦେହକୁ କଭର କରାଯାଇ ଶ୍ମଶାନକୁ ନିଆଯିବ ବୋଲି କହିଥିଲେ। ଖବର ପାଇ ପୋଲିସ ପହଞ୍ଚି ସମ୍ପର୍କୀୟଙ୍କୁ ବୁଝାଶୁଝା କରିଥିଲା। ସେହିପରି ଘଟଣା ବିଷୟରେ ସୂଚନା ପାଇ ରାୟଗଡ଼ା ସହରର କେତେଜଣ ଆଇନଜୀବୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ରାୟଗଡ଼ା ପୌର କର୍ମଚାରୀ ପହଞ୍ଚିଥିଲେ। ଏହାପରେ ମୃତଦେହ ସତ୍କାରର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।





ପୋଲିସ ପହଞ୍ଚି ମୃତକଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛି।

### ମୃତଦେହ ସତ୍କାରରେ ବିଳମ୍ବ

## ରାଜ୍ୟ ବାହାରୁ ଆସିଲେ ୧୪ ଦିନିଆ କ୍ୱାରାଣ୍ଟାଇନ ବାଧ୍ୟ: ଜିଲାପାଳ

କୋରାପୁଟ, ୬।୫(ସ୍ୱ.ପ୍ର)

ଏଣିକି କୋରାପୁଟ ଜିଲାକୁ ଆସୁଥିବା ରାଜ୍ୟ ବାହାରର ସମସ୍ତ ବ୍ୟକ୍ତିଙ୍କୁ ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବାକୁ ପଡିବ। ସେ କରୋନାର ପ୍ରଥମ ଡୋଜ ଟିକା ନେଇଥିଲେ ମଧ୍ୟ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ବାଧ୍ୟ। ଯଦି ଦ୍ୱିତୀୟ ଡୋଜ ଟିକା ନେଇଥିବେ ତା' ହେଲେ ୭ ଦିନ ହୋମ କ୍ୱାରାଣ୍ଟାଇନରେ ରହିବେ ବୋଲି ଗୁରୁବାର ଜିଲାପାଳ ଅବଦାଲ ମହମ୍ମଦ ଅଖତାର କହିଛନ୍ତି। ରାଜ୍ୟ ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ର ଓ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନାଙ୍କ ସହ ଭିଡିଓ କନ୍‌ଫରେନସିଂ ମାଧ୍ୟମରେ ଆଲୋଚନା ପରେ ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ର ଓ ତେଲେଙ୍ଗାନାରୁ ଫେରୁଥିବା ପ୍ରବାସୀ ଓଡିଆଙ୍କୁ ମାଲକାନାଗିରି ଜିଲାର ମୋଟୁରେ ପହଞ୍ଚିବା ପରେ ସ୍ଥାନୀୟ ପ୍ରଶାସନ ସେମାନଙ୍କୁ ନିଜ ଜିଲାକୁ ପଠାଇବା ବ୍ୟବସ୍ଥା କରିବେ। କୋରାପୁଟ ଜିଲାର ପ୍ରତି ବ୍ଲକରେ ଅତିରିକ୍ତ ଟିଏମସି ଖୋଲିବାକୁ ସେ ବିଡିଓମାନଙ୍କୁ ପରାମର୍ଶ ଦେଇଥିବା ପ୍ରକାଶ କରିଛନ୍ତି।

## ୮୩ କରୋନା ପଜିଟିଭ୍

ମାଲକାନଗିରି,୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗୁରୁବାର ୮୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୧୪ ଜଣ, ମାଲକାନଗିରି ବ୍ଲକରୁ ୯, କୋରୁକୋଣ୍ଡାରୁ ଜଣେ, ମାଥିଲି ୧୦, ଖଇରପୁଟ ୨୨, କାଲିମେଲା ୨୦, ପଡ଼ିଆ ୫ ଓ ଚିତ୍ରକୋଣ୍ଡା ବ୍ଲକରୁ ୨ ଜଣ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ମୋଟୁ ଚେକ୍ ପଏଣ୍ଟରେ ପ୍ରବାସୀ ଅଧିକ ସଂଖ୍ୟାରେ ପ୍ରବେଶ କରୁଥିବାରୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି।

## ଲ୍ୟାମ୍ପ କର୍ମଚାରୀଙ୍କ ସ୍ୱାସ୍ଥ୍ୟ, ଜୀବନ ବୀମା ଲାଗୁ ହେଉ

ଜୟପୁର,୬।୫(ନି.ପ୍ର.)

### କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ଦାବି

ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟବୀମା ଓ ଜୀବନବୀମା ଲାଗୁ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପ ନିବନ୍ଧକ ସମବାୟ ସମିତି ସମୂହ ଜୟପୁର ମଣ୍ଡଳ ଓ ରାୟଗଡ଼ା ମଣ୍ଡଳକୁ ଏହି ଦାବିପତ୍ର ମହାସଂଘ ସମ୍ପାଦକ ତଥା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଆସୋସିଏଶନ ସଭାପତି ଦିଗାମ୍ବର ନାୟକ ପ୍ରଦାନ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲାରେ ୫୫ଟି ଲ୍ୟାମ୍ପ, ୨ଟି ଏମ୍‌ପିସିଏସ୍ ଓ ୨୪ଟି ସମବାୟ ବ୍ୟାଙ୍କ ଶାଖାରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଓ ୫ ଲକ୍ଷ ଟଙ୍କାର ଜୀବନ ବୀମା ଲାଗୁ କରିବାକୁ ସଂଘ ୫ଦଫା ସମ୍ବଳିତ ଦାବି ମଧ୍ୟରେ ଏହାକୁ ଅଧିକ ପ୍ରାଧାନ୍ୟ ଦେଇଛି। ଲକ୍‌ଡାଉନ ସତ୍ତ୍ୱେ ଖରିଫ ଋତୁରେ ଋଣ ଲଗାଣ, ସାର, ବିହନ ଓ କୀଟନାଶକ ବିକ୍ରି, ଜମା ସଂଗ୍ରହ କମ୍ପ୍ୟୁଟରୀକରଣ , ଚାଷୀ ପଞ୍ଜୀକରଣ, ଧାନ ଓ ମାଣ୍ଡିଆ କିଣାବିକା କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କରୋନା ସମୟରେ ସେମାନଙ୍କ ସୁରକ୍ଷା ପାଇଁ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏଥିଯୋଗୁ ଅନେକ କର୍ମଚାରୀ ମୃତ୍ୟୁ ମୁଖରେ ପଡୁଥିବା ମହାସଂଘ ଅଭିଯୋଗ କରିଛି। ଏନେଇ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ସୂଚନାଯୋଗ୍ୟ, କର୍ମଚାରୀଙ୍କ ଅନ୍ୟ ଦାବି ମଧ୍ୟରେ କେସିସି ବ୍ୟାଙ୍କର ଖାଲି ପଡିଥିବା ପଦବୀରେ ଶତକଡା ୩୦ ଭାଗ ପଦବୀରେ ପଦୋନ୍ନତି ବ୍ୟବସ୍ଥା, ଲ୍ୟାମ୍ପ କର୍ମଚାରୀଙ୍କୁ ପରିଚୟପତ୍ର ଦେବା, ସମାନ କାମକୁ ସମାନ ଦରମା, ଇପିଏଫ୍ ଲାଗୁ କରିବା,କାର୍ଯ୍ୟରତ ଥାଇ ମୃତ୍ୟୁବରଣ କରୁଥିବା କର୍ମଚାରୀଙ୍କ ପରିବାରରୁ ଜଣକୁ ନିଯୁକ୍ତି ଆଦି ଦାବି ରହିଛି।

## ସଂକ୍ଷେପରେ

### କରୋନା ଯୁଦ୍ଧରେ ହାରିଗଲେ ଡାକ୍ତର

ଜୟପୁର,୬।୫(ନି.ପ୍ର.)-ଜୀବନ ଯୁଦ୍ଧରେ ହାରିଲେ କରୋନା ଯୋଦ୍ଧା ଆୟୁଷ ଡାକ୍ତର ଲିଙ୍ଗରାଜ ସାମନ୍ତରାୟ। କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଜୟପୁର କୋଭିଡ୍ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା। ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍‌ର ଆର୍‌ଆର୍‌ଟି ବିଭାଗରେ କାର୍ଯ୍ୟରତ ସାମନ୍ତରାୟ ନୂତନ କରୋନା ସଂକ୍ରମିତଙ୍କ ଘରକୁ ଯାଇ ଚିକିତ୍ସା ଯୋଗାଇ ଦେଉଥିଲେ। ମେ ୧ରେ ସେ ନିଜେ କରୋନା ସଂକ୍ରମିତ ହୋଇ ଜୟପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିଲେ। ଏନେଇ ଖବର ପାଇବା ପରେ ଜିଲାପାଳ ଅବଦୁଲ ମହମ୍ମଦ ଅଖତର, ଉପଜିଲାପାଳ ହେମକାନ୍ତ ସାୟ, ଡାକ୍ତର ଅରୁଣ ପାଢ଼ୀ, ଡା. ରବୀନ୍ଦ୍ର ମିଶ୍ର, ଆଶିଷ ପାଣିଗ୍ରାହୀ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ବାଲେଶର ଗିଧି ପ୍ରମୁଖ କୋଭିଡ୍ ହସ୍ପିଟାଲରେ ପହଞ୍ଚି ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଡାକ୍ତର ସାମନ୍ତରାୟଙ୍କ ନିଜ ଘର ରାୟଗଡ଼ା ଜିଲାର ପଦ୍ମପୁର। ସେ ଜୟପୁର ପାରାବେଡ଼ାରେ ରହୁଥିଲେ। ପ୍ରଶାସନ ପକ୍ଷରୁ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।

### ମଦ ରଖି ୩ ଗିରଫ

ମାଲକାନଗିରି,୬।୫ (ଡି.ଏନ.ଏ.)- ବେଆଇନ୍ ଠିପି ବନ୍ଦ ମଦ ଗଚ୍ଛିତ ରଖିଥିବା ଅଭିଯୋଗରେ ମାଲକାନଗିରି ଜିଲା ସଦର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାତ୍ରଗୁଡାର ପି.ଦିଲୀପ୍, ଦୁର୍ଗାଗୁଡି ସାହିର ମଙ୍ଗୁଲୁ ସେନାପତି ଓ ଶ୍ରୀକାନ୍ତ ମହାରଣା। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୭୧ ଲିଟର ମଦ ଜବତ ହୋଇଛି। ଖବର ପାଇ ଏସଡିପିଓ ଅଂଶୁମାନ ଦ୍ୱିବେଦୀ ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ରାମ ପ୍ରସାଦ ନାଗ ସେମାନଙ୍କ ଘରେ ଚଢାଉ କରିଥିଲେ। କେସ୍ ନଂ. ୧୪୫ /୨୧ରେ ମାମଲା ରୁଜୁ ହୋଇଛି।

### ଝଡ଼ତୋଫାନରେ ୨ ପରିବାର କ୍ଷତିଗ୍ରସ୍ତ

ଦଶମନ୍ତପୁର,୬।୫(ଡି.ଏନ୍.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଅନଗୋର ଗ୍ରାମରେ ଗୁରୁବାର ଅପରାହ୍ନରେ ଝଡ଼ତୋଫାନ ହୋଇଛି। ଫଳରେ ଗ୍ରାମର ଗୋଟିଏ ପରିବାର କ୍ଷତିଗ୍ରସ୍ତ ହୋଇ ବେସାହାରା ହୋଇପଡିଛନ୍ତି। ଗ୍ରାମର ଥବନୀ ମୁଦୁଲିଙ୍କ ସ୍ୱାମୀ ବନମାଳୀ ମୁଦୁଲିଙ୍କ ମୃତ୍ୟୁ ପରେ ଝିଅପୁଅଙ୍କୁ ଧରି ଦୁଃଖକଷ୍ଟରେ ଚଳି ଆସୁଥିଲେ। ଝଡ଼ତୋଫାନ ତାଙ୍କର ୧୩ଟି ଆଜବେଷ୍ଟସ ଉଡ଼ାଉ ନେଇଛି। ଗୋଟିଏ ବସ୍ତା ଚଉଳ, ୩ ବସ୍ତା ମାଣ୍ଡିଆ, ଧାନ ୬ ବସ୍ତା ସହ ଅନ୍ୟାନ୍ୟ ସାମଗ୍ରୀ ବର୍ଷାରେ ଭିଜି ନଷ୍ଟ ହୋଇଛି। ସେହିପରି ଗ୍ରାମର ଈଶ୍ୱର ବିଶୋୟୀଙ୍କ ଘରର ୩ଟି ଆଜବେଷ୍ଟସ୍ ମଧ୍ୟ ପବନ ଉଡ଼ାଇ ନେଇଛି। ସ୍ଥାନୀୟ ତହସିଲଦାରଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଆଇଙ୍କୁ ତଦନ୍ତ ପାଇଁ କହିବି। ରିପୋର୍ଟ ଆସିବା ପରେ ସରକାରୀ ସହାୟତା ବ୍ୟବସ୍ଥା ହେବ ବୋଲି ସେ ପ୍ରକାଶ କରିଥିଲେ।

### କର୍କଟ ପୀଡ଼ିତଙ୍କ ମୃତ୍ୟୁ

କାଲିମେଲା,୬।୫(ଡି.ଏନ୍.ଏ.)-ମାଲକାନଗିରି ଜିଲା କାଲିମେଲା ସଦର ମହକୁମାସ୍ଥିତ ହନୁମାନସାହିର ଲକ୍ଷ୍ମୀ ମାଡକାମିଙ୍କ ପୁଅ ମଧୁ ମାଡକାମି (୪୦) କର୍କଟ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ମଧୁଙ୍କ ଚିକିତ୍ସା କରିପାରୁ ନ ଥିଲେ। ଗୁରୁବାର ଅପରାହ୍ନରେ ମଧୁଙ୍କ ଅବସ୍ଥା ଗୁରୁତର ହୋଇ ମୃତ୍ୟୁ ହୋଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ତାଙ୍କ ସମ୍ପର୍କରେ ଜାଣିବା ପରେ ପୂର୍ବାହ୍ନ ୧୧ଟାରେ କାଲିମେଲା ବ୍ଲକ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ନାୟକ ଓ ସହକାରୀ ଶିକ୍ଷକ ଶ୍ୟାମସୁନ୍ଦର ଜେନା ମଧୁଙ୍କ ପରିବାରକୁ ୨ ହଜାର ଟଙ୍କା ସହାୟତା ଦେଇ ଆସିଥିଲେ।

## ସୀମାନ୍ତରେ କରୋନା ସଚେତନତା ରଥ

ମାଲକାନଗିରି,୬।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ପ୍ରବାସୀ ଶ୍ରମିକଙ୍କୁ କରୋନା ସମ୍ପର୍କରେ ଉତ୍କଳ ସାମ୍ବାଦିକ ସଂଘ ସଚେତନ କରିବା ସହ ସେଠାରେ ନିୟୋଜିତ କରୋନା ଯୋଦ୍ଧାମାନଙ୍କୁ ମାସ୍କ, ସାବୁନ ଓ ସାନିଟାଇଜର ବଣ୍ଟନ କରା ଯାଇଛି। ଉପସ୍ଥିତ ପ୍ରବାସୀଙ୍କୁ ମଧ୍ୟ ଏହି ସାମଗ୍ରୀ ପ୍ରଦାନ କରାଯାଇଛି। ଜିଲାରେ ସଚେତନ କରୁଥିବା ସଚେତନତା ରଥ ସହ ସଂଘ କର୍ମକର୍ତ୍ତା ଏମ୍‌ଭି- ୭, ଶିଖପାଲି, ପୋଟେରୁ, କାଲିମେଲା, ଏମ୍‌ଭି-୭୨, ଏମ୍‌ଭି-୭୯, ଏମ୍‌ଭି-୮୧, ଏମଭି-୮୬, ମହାରାଜପାଲି ଆଦି ସ୍ଥାନ ପରିକ୍ରମା କରି ଗୁରୁବାର ମୋଟୁ ସୀମାନ୍ତରେ ପହଞ୍ଚିଥିଲେ। କାଲିମେଲାଠାରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି, ବିଡିଓ ଉମାଶଙ୍କର ଦଳେଇ, ଆଇଆଇସି ଜନ୍ ଖୁଜୁର୍, ତହସିଲଦାର ଶଶାଙ୍କ ମିଶ୍ରଙ୍କ ସମେତ ସଂଘର ୧୦ରୁ ଉର୍ଦ୍ଧ୍ୱ କୋଭିଡ ନିୟମ ପାଳନ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନ ଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ଦୁର୍ଯ୍ୟୋଧନ ପାତ୍ର, ସୁନିଲ ସାହୁ, ଦିବାକର ଭଗବାନ, ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ରଙ୍କ ସହ ଅନ୍ୟମାନେ ପରିଚାଳନା କରଥିଲେ।



## ସୀମାନ୍ତରେ ନିୟୋଜିତ କର୍ମଚାରୀଙ୍କୁ ଅବହେଳା ନେଇ ଅସନ୍ତୋଷ

ଏମ୍.ଭି. ୭୯,୬।୫ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ମୋଟୁଠାରେ ଗୁରୁବାର ସୁଦ୍ଧା ୧୩ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଜିଲାରେ ପ୍ରବେଶ କରିଛନ୍ତି। ଏହି ପ୍ରବାସୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, କୋଭିଡ ଟୀକାକରଣ ଯାଞ୍ଚ, ଆଣ୍ଟିଜେନ୍ ଟେଷ୍ଟ, ନିଜ ଅଞ୍ଚଳକୁ ବସ ଯୋଗେ ପଠାଇବା ଆଦି କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ ବିଭାଗ, ପୋଲିସ ଓ ପରିବହନ ବିଭାଗର ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ସୀମାନ୍ତରେ ନିୟୋଜିତ କରିଛନ୍ତି। ଏହି କର୍ମଚାରୀମାନେ ୨୪ ଘଣ୍ଟା କର୍ତ୍ତବ୍ୟ କରି ସେମାନେ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସାନିଟାଇଜର, ମାସ୍କ ଓ ଖାଦ୍ୟ ମିଳୁ ନ ଥିବାରୁ କର୍ମଚାରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ସେମାନଙ୍କୁ ଟିକା ଦେବା ସହ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ମୋଟୁ ତହସିଲଦାର ଶଶାଙ୍କ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମ୍ପୃକ୍ତ କର୍ମଚାରୀଙ୍କୁ ଖୁବ୍ ଶୀଘ୍ର ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ୧୨୫ କେଜି ଗଞ୍ଜେଇ ଜବତ,୨ ଗିରଫ

ସେମିଳିଗୁଡ଼ା,୬।୫(ସ୍ୱ.ପ୍ର.)

୨୬ ନମ୍ବର ଜାତୀୟ ରାଜପଥ ଦେଇ ପଟ୍ଟାଙ୍ଗୀ ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଗୁରୁବାର ସେମିଳିଗୁଡ଼ା ପୋଲିସ ପାଟ୍ରୋଲିଂ ବେଳେ ଏହାକୁ ଧରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପଟ୍ଟାଙ୍ଗୀ ନିକଟସ୍ଥ ହାଟଗୁଡ଼ାର ନାରାୟଣ ସଗ୍ରୀ (୩୧) ଓ କୁନ୍ଦୁଲି ହାଟପଦା ନିକଟସ୍ଥ ମାଳିପୁଟର ବାବୁଲା ଖରା (୩୩)। ଏକ ଇନୋଭା କାର୍ (ଓ ୦୨ ଡି-୨୦୦୦) ଦ୍ରୁତଗତିରେ ଆସୁଥିବା ଦେଖି ପାଟ୍ରୋଲିଂ କରୁଥିବା ପୋଲିସ ସନ୍ଦେହରେ ଏହାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୨୫ଟି ଗଞ୍ଜେଇ ପ୍ୟାକେଟରୁ ୧୨୫ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ବଜାର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି। ତହସିଲଦାର ଶରତ ମାଝିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଥାନା ଅଧିକାରୀଙ୍କ ସମେତ ହାବିଲଦାର ଏମ୍.କେ. ବାଘ, କନଷ୍ଟେବଳ ଧବୁଲୁ ବେହେରା, ମଧୁସୂଦନ ମୁଦୁଲି, ନନ୍ଦ ମୁଦୁଲ, ଘେନୁ ଦୁରିଆ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।



ଜବତ ଗଞ୍ଜେଇ।

## ଶିଶୁଙ୍କୁ କେନ୍ଦୁପତ୍ର ଶୁଖାଇବା କାର୍ଯ୍ୟରେ ନିୟୋଜିତ କରୁଛନ୍ତି ବ୍ୟବସାୟୀ

ମାଲକାନଗିରି,୬।୫(ଡି.ଏନ.ଏ.)

କେନ୍ଦୁପତ୍ର ଶୁଖାଇବା କାମରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ। ଏଭଳି ମାଲକାନଗିରି ଜିଲା କାଲିମେଲା ବ୍ଲକ ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ସଙ୍ଗେଲ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମରେ କେନ୍ଦୁପତ୍ର ଶୁଖାଇବା କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ଲଗାଯାଉଛି। ସାମାନ୍ୟ କିଛି ଟଙ୍କା ଲୋଭ ଦେଖାଇ କେନ୍ଦୁପତ୍ର କିଣୁଥିବା କର୍ମଚାରୀମାନେ ୧୦ରୁ ୧୨ବର୍ଷ ବୟସର ପିଲାମାନଙ୍କୁ ଏହି କାମରେ ଲଗାଉଥିବା ଅଭିଯୋଗ ହେଉଛି। ଏହି ଗ୍ରାମରେ କାଲିମେଲା ବ୍ଲକ ବୁଦୁଗୁଡ଼ା ଗ୍ରାମର ସର୍ଦ୍ଦାର ବାବୁ କେନ୍ଦୁପତ୍ର କିଣୁଛନ୍ତି। ତାଙ୍କୁ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯିବା ସମ୍ପର୍କରେ ପଚାରିବାରୁ ସେ କିଛି ଉତ୍ତର ଦେଇ ନ ଥିଲେ। କେନ୍ଦୁପତ୍ର ଫଡ଼ିର ମୁନ୍‌ସୀ ଓ ବ୍ୟବସାୟୀ ରଖିଥିବା କର୍ମଚାରୀଙ୍କୁ ପଚାରିବାରୁ ସେମାନେ ମଧ୍ୟ ଏନେଇ କିଛି ଉତ୍ତର ଦେଇନାହାନ୍ତି। ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।



ଶିଶୁମାନଙ୍କୁ କେନ୍ଦୁପତ୍ର ଶୁଖାଇବା କାର୍ଯ୍ୟରେ ଲଗାଯାଇଛି।

